  

CONGRESS

## ଆରଟିଆଇର ପ୍ରଭାବ :

- ଆରଟିଆଇ, ନାଗରିକ ମାନଙ୍କୁ ପ୍ରଥମ ଥର ଏତେ ପରିମାଣର ସୂଚନା ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରିଲା ।
- ନାଗରିକ ଏବେ ଆଉ ନିଷ୍କ୍ରିୟ ରହିବାକୁ ବାଧ୍ୟ ନୁହନ୍ତି ଏବଂ ସେ ଏବେ ପୂର୍ବାପେକ୍ଷା ଅଧିକ ସକ୍ଷମ ହୋଇଛନ୍ତି ତଥା ନିଜ ସରକାର ରେ ଅଭିବୃଦ୍ଧିର ଦାବୀ କରୁଛନ୍ତି ।
- ପାରଦର୍ଶୀ ସରକାର ଏବଂ ଲୋକପାଳ ଆନ୍ଦୋଳନ ପାଇଁ ଚାଲିଥିବା ଆନ୍ଦୋଳନ ସ୍ପଷ୍ଟ ଭାବରେ ଆରଟିଆଇର ପରିଣାମ ଅଟେ ।



Oriya

  

## କଣ ଆପଣ ଜାଣନ୍ତି କି

- ଆପଣ ସମ୍ବିଧାନିକ ଅଧିକାର ସହିତ କୌଣସି ବି ସରକାରୀ ଅଧିକାରୀ ଙ୍କୁ ପ୍ରଶ୍ନ କରିପାରିବେ।
- ଆପଣ କୌଣସି ଏମିତି ସୂଚନା ଯାଏଁ ପହଞ୍ଚିପାରିବେ, ଯାହା ପର୍ଯ୍ୟନ୍ତ ଜଣେ ସାଂସଦ ମଧ୍ୟ ପହଞ୍ଚିପାରିଥାଏ।
- ଏବେ ଆପଣଙ୍କର ସରକାର ନିଜ ଲୋକଙ୍କ ପ୍ରତି ଅଧିକ ଉତ୍ତରଦାୟୀ ଅଟେ।

## ଏ ସବୁ ଆପଣଙ୍କର ଅଧିକାର

କେବଳ ଗୋଟିଏ ଏମିତି ପାର୍ଟୀ ଯାହାର ବିଶ୍ୱାସ ଯେ ତା ପାଖରେ କିଛି ବି ଲୁଚାଇବାର ନାହିଁ, ଯିଏ ନାଗରିକ ମାନଙ୍କୁ ସର୍ବୋଚ୍ଚ ଭାବନା ସହ ବିଶ୍ୱାସ କରିଥାଏ, ଏମିତି ଆଇନ୍ ପ୍ରସ୍ତୁତ କରିପାରିଥାଏ, ଏବଂ କଂଗ୍ରେସ ପାର୍ଟୀ, ୟୁପିଏ (ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲିଏନ୍ସ) ସରକାରର ନେତୃତ୍ୱ ରେ ଏପରି କରାଇଛି।

ସୂଚନାର ଅଧିକାର ଆଇନ୍ 2005, କଂଗ୍ରେସ ପାର୍ଟୀ ପକ୍ଷରୁ ଆପଣଙ୍କୁ ସୁଲଭ କରାଇ ଦିଆଯାଇଛି।

CONGRESS



## ଆରଟିଆଇ ଆବେଦନ କରିବାର ପ୍ରକ୍ରିୟା :

- କୌଣସି ବି ବ୍ୟକ୍ତି ପିଆଇଓ (ଜନ ସୂଚନା ଅଧିକାରୀ)ଙ୍କ ପାଖରେ ଲିଖିତ ଅନୁରୋଧ ଜମା କରି ସୂଚନା ପ୍ରାପ୍ତ କରିବା ପାଇଁ ଆବେଦନ କରି ପାରିବେ। ଏହି ଆଇନ୍ ଅଧିନରେ ଅନୁରୋଧ କରିଥିବା ଭାରତର କୌଣସି ବି ନାଗରିକ କୁ ସୂଚନା ପ୍ରଦାନ କରିବା ପାଇଁ ପି ଆଇ ଓ ବାଧ୍ୟ ଅଟନ୍ତି।
- ଯଦି ଅନୁରୋଧ, କୌଣସି ଅନ୍ୟ ସରକାରୀ ପ୍ରାଧିକରଣ (ପୂର୍ଣ୍ଣତଃ ଅଥବା ଆଂଶିକ) ସମ୍ବନ୍ଧିତ ହୋଇଥାଏ ତେବେ ଏହି ପିଆଇଓଙ୍କର ଏହା ଦାୟିତ୍ୱ ଯେ ସେ ଅନୁରୋଧ ସମ୍ବନ୍ଧୀୟ ଅଂଶକୁ ଅନ୍ୟ ପିଆଇଓ ଙ୍କ ପାଖରେ 5 କାର୍ଯ୍ୟଦିବସ ଭିତରେ ହସ୍ତାନ୍ତରିତ/ପ୍ରେରିତ କରିବେ।
- ଏତଦ ବ୍ୟତିତ ପ୍ରତ୍ୟେକ ସରକାରୀ ଅଧିକାରୀ ଙ୍କୁ ସହାୟକ ଜନ ସୂଚନା ଅଧିକାରୀ (ଏ.ପି.ଆଇ.ଓ) ମାନଙ୍କର ନିଯୁକ୍ତି କରିବା ଦରକାର ଯିଏକି ଆରଟିଆଇ ଅନୁରୋଧ ଓ ଅପିଲ ସ୍ୱୀକାର କରିବେ ଏବଂ ନିଜ ସରକାରୀ ଅଧିକାରୀଙ୍କୁ ପ୍ରେରିତ ଓ ସୂଚିତ କରିବେ।
- ସୂଚନା ପ୍ରାପ୍ତ କରିବା ପାଇଁ ଆବେଦନକାରୀଙ୍କୁ ନିଜ ନାମ ଓ ସମ୍ପର୍କ ବିବରଣୀ ବ୍ୟତିତ କୌଣସି ବି ଅନ୍ୟ ସୂଚନା ବା କାରଣ ସ୍ପଷ୍ଟ କରିବା ଦରକାର ନାହିଁ।

